ଆରବିଆଇ/୨୦୦୬-୨୧୬
ରେଫ୍. ନଂ. ଡିଜିବିଏ.ସିଡିଡି. ନଂ ଏଚ୍-୧୦୦୨୪/୧୫.୧୫.୦୦୧/୨୦୦୬-୦୭

ଡିସେମ୍ବର ୨୨, ୨୦୦୬

ମହା ପ୍ରବନ୍ଧକ
ସରକାରୀ ଲେଖା ବିଭାଗ, ମୁଖ୍ୟ କାର୍ଯ୍ୟାଳୟ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ/ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡୋର/ ଷ୍ଟେଟ୍ ବ୍ୟାଙ୍କ ଅଫ୍ ପଟିଆଲା/ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ବିକାନୀର ଓ ଜୟପୁର/ ଷ୍ଟେଟ୍ ବ୍ୟାଙ୍କ ଅଫ୍ ସୌରାଷ୍ଟ୍ର / ଷ୍ଟେଟ୍ ବ୍ୟାଙ୍କ ଅଫ୍ ତ୍ରାଭାଙ୍କୋର/ ଷ୍ଟେଟ୍ ବ୍ୟାଙ୍କ ଅଫ୍ ହାଇଦ୍ରାବାଦ/ ଷ୍ଟେଟ୍ ବ୍ୟାଙ୍କ ଅଫ୍ ମହୀଶୂର/ ଆଲ୍ଲାହାବାଦ ବ୍ୟାଙ୍କ/ ବ୍ୟାଙ୍କ ଅଫ୍ ବରୋଦା/ ବ୍ୟାଙ୍କ ଅଫ୍ ଇଣ୍ଡିଆ/ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର/ କାନାରା ବ୍ୟାଙ୍କ/ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ/ କର୍ପୋରେସନ୍ ବ୍ୟାଙ୍କ/ ଦେନା ବ୍ୟାଙ୍କ/ ଇଣ୍ଡିଆନ ବ୍ୟାଙ୍କ/ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ/ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ/ ସିଣ୍ଡିକେଟ୍ ବ୍ୟାଙ୍କ/ ୟୁକୋ ବ୍ୟାଙ୍କ/ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ/ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ/ ବିଜୟା ବ୍ୟାଙ୍କ/ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍।

ପ୍ରିୟ ମହାଶୟ,

**<u>ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ୨୦୦୪ ଅନ୍ତର୍ଗତ ପ୍ରବାସୀ ଭାରତୀୟ/ଭାରତୀୟ ବଂଶୋଦ୍ଭବ ମାନଙ୍କୁ ନାମାଙ୍କିତ ବ୍ୟକ୍ତି ଭାବେ ନାମିତ କରିବା- ସ୍ପଷ୍ଟିକରଣ</u>**

ଦୟାକରି ଜୁନ ୨୮,୨୦୦୬ରେ ଜାରୀ କରାଯାଇଥିବା ଆମର ପରିପତ୍ର ଆର୍.ବି.ଆଇ/୨୦୦୫-୦୬/୪୩୧ ସଂଦର୍ଭ ସଂ. ଡିଜିବିଓ, ସିଡିଡି ସଂ. ଏଚ୍-୨୦୬୯୨/୧୫.୧୫.୦୦୧/୨୦୦୫-୦୬ ଦେଖନ୍ତୁ, ଯେଉଁଥିରେ ଭାରତୀୟ ବଂଶୋଦ୍ଭବ ମାନଙ୍କର ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ୨୦୦୪ରେ ନିବେଶ କରିବା ଏବଂ ନାମାଙ୍କିତ ବ୍ୟକ୍ତି ହେବା ପାଇଁ ଯୋଗ୍ୟତା ଉପରେ କେତେକ ସ୍ପଷ୍ଟୀକରଣ ଦିଆଯାଇଥିଲା ।

୨. ଆମେ ଭାରତ ସରକାରଙ୍କର ଅର୍ଥନୈତିକ ବ୍ୟାପାର ବିଭାଗ ବଜେଟ ଡିଭିଜନରୁ ଚିଠି ସଂ ଏଫ୍ ୧୫/୮/୨୦୦୫/ଏନ୍ଏସ୍-II/ଭିଓଏଲ୍-II, ଡ଼ିସେମ୍ବର ୧୪, ୨୦୦୬ ପ୍ରାପ୍ତ କରିଅଛୁ, ଯେଉଁଥିରେ ଏହା ସ୍ପଷ୍ଟିକରଣ ଦିଆଯାଇଅଛି ଯେ, ପ୍ରବାସୀ ଭାରତୀୟ ଏବଂ ଦ୍ୱୈତ ନାଗରିକତ୍ୱ ଧାରଣ କରୁଥିବା ବ୍ୟକ୍ତିମାନେ ଏହି ଯୋଜନାରେ ନାମାଙ୍କିତ ବ୍ୟକ୍ତି ହୋଇପାରବେ। କିନ୍ତୁ ଜମାକର୍ତ୍ତାଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନେ ଏହି ଖାତା ଚାଲୁ ରଖି ପାରିବେ ନାହିଁ ବା ଜମାଖାତାର ରାଶିକୁ ବିଦେଶ ପ୍ରେରଣ କରି ପାରିବେ ନାହିଁ।

୩.ଏହି ପରିପତ୍ର ବିଷୟ ବସ୍ତୁ ପ୍ରାଧିକୃତ ଶାଖା ମାନଙ୍କର କାର୍ଯ୍ୟ ନିର୍ବାହ ନିମନ୍ତେ ଅଣାଯାଇପାରେ।

୪.ଦୟାକରି ପତ୍ର ପ୍ରାପ୍ତି ସ୍ୱୀକାର କରନ୍ତୁ।

ଆପଣଙ୍କ ବିଶ୍ୱସ୍ତ
(ବାଲୁ କେ.)
ଉପ ମହାପ୍ରବନ୍ଧକ